ଏନ୍. ରାଜାରଥିନମ

ବନାମ

ତାମିଲନାଡୁ ରାଜ୍ୟ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 6,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ସେବାରୁ ବରଖାସ୍ତ – ବାଣିଜ୍ୟିକ ଟିକସର ସହକାରୀ ଆୟୁକ୍ତ – ଦୁର୍ନୀତିର ଆରୋପ – ତଦନ୍ତ ଅନୁଷ୍ଠିତ – ଜଣେ ସାକ୍ଷୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ସାକ୍ଷୀ ପକ୍ଷଦ୍ରୋହୀ ହୋଇଯାଇଥିଲେ – ବରଖାସ୍ତ ଆଦେଶ – ନ୍ୟାୟାଧିକରଣଙ୍କ ଦ୍ୱାରା ଏହି ଆଧାରରେ ବଜାୟ ରଖାଯାଇଥିଲା ଯେ, ପି ଡବ୍ଲ୍ୟୁ 1 ଙ୍କ ସାକ୍ଷ୍ୟ ଏବଂ ନଥିରେ ଥିବା ଅନ୍ୟାନ୍ୟ ପ୍ରମାଣ ତାଙ୍କୁ ସେବାରୁ ବରଖାସ୍ତ କରିବା ପାଇଁ ଯଥେଷ୍ଟ ଥିଲା – ଅପିଲରେ ଦର୍ଶାଯାଇଛି ଯେ, ଯଦି ସମସ୍ତ ପ୍ରାସଙ୍ଗିକ ତଥ୍ୟ ଏବଂ ପରିସ୍ଥିତି ଏବଂ ନଥିରେ ଥିବା ପ୍ରମାଣକୁ ବିଚାରକୁ ନିଆଯାଏ ଏବଂ ଏହା ଜଣାପଡେ ଯେ, ପ୍ରମାଣ ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଅସଦାଚରଣକୁ ପ୍ରତିଷ୍ଠିତ କରେ, ତେବେ ଶୃଙ୍ଖଳାଗତ କର୍ତ୍ତୃପକ୍ଷ, ସିଦ୍ଧାନ୍ତର ପ୍ରକୃତି ବିଷୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ଏବଂ ଆବଶ୍ୟକୀୟ ଦଣ୍ଡ ଲାଗୁ କରିବାକୁ ସମ୍ପୂର୍ଣ୍ଣ କ୍ଷମତାପ୍ରାପ୍ତ ଅଟନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 19334/1996 ।

ଓ.ଏ. ସଂଖ୍ୟା 2152/1991 ରେ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସଙ୍କ ତା 29.2.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅମ୍ବରୀଶ କୁମାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।

ଏହି ବିଶେଷ ଅନୁମତି ଆବେଦନ ଓ ଏ ସଂଖ୍ୟା 2152/1991 ରେ ଦିଆଯାଇଥିବା ଫେବୃଆରୀ 26,1996 ରେ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସ ବିଚାରପୀଠଙ୍କ ଏକ ଆଦେଶ ବିରୋଧରେ ଦାଖଲ କରାଯାଇଛି । ଆବେଦନକାରୀ, ବାଣିଜ୍ୟିକ ଟିକସର ସହକାରୀ ଆୟୁକ୍ତ ଭାବରେ କାର୍ଯ୍ୟ କରୁଥିବାବେଳେ, ଅବୈଧ ପରିତୋଷଣ ଦାବି କରିଥିଲେ ଏବଂ ଗ୍ରହଣ କରିଥିଲେ । ଫଳସ୍ୱରୂପ, ତାଙ୍କୁ ଅକ୍ଟୋବର 1, 1995 ରେ ସେବାରୁ ନିଲମ୍ବିତ କରାଯାଇଥିଲା । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନ୍ୟାୟାଧିକରଣଙ୍କ ଦ୍ୱାରା ଆରୋପର ତଦନ୍ତ ପରିଚାଳନା କରାଯାଇଥିଲା । ନ୍ୟାୟାଧିକରଣ ଆବେଦନକାରୀଙ୍କୁ ସେବାରୁ ବରଖାସ୍ତ କରିବାକୁ ଏହି ସିଦ୍ଧାନ୍ତ ଆଧାରରେ ସୁପାରିଶ କରିଥିଲେ ଯେ, ସାକ୍ଷ୍ୟର ବହୁଳତା ପ୍ରତିଷ୍ଠିତ କରେ ଯେ, ଆବେଦନକାରୀ, ପି ଡବ୍ଲ୍ୟୁ-1 (ଶମ୍ମୁଗାସୁନ୍ଦରମ୍)ଙ୍କ ଠାରୁ ଅବୈଧ ପରିତୋଷଣ ଦାବି କରିଥିଲେ ଏବଂ ଗ୍ରହଣ କରିଥିଲେ । ବିବୃତିକୁ ଗ୍ରହଣ କରି, ଶୃଙ୍ଖଳାଗତ କର୍ତ୍ତୃପକ୍ଷ, ତା ଜାନୁଆରୀ 6,1989 ରିଖର ତାଙ୍କ ଆଦେଶ ଦ୍ୱାରା, ଆବେଦନକାରୀଙ୍କୁ ସେବାରୁ ବରଖାସ୍ତ କରିଥିଲେ । ଏହାପରେ ଆବେଦନକାରୀ ନ୍ୟାୟାଧିକରଣଙ୍କଠାରେ ଓ ଏ ଦାଖଲ କରିଥିଲେ । ପ୍ରଥମ ଦୃଷ୍ଟାନ୍ତରେ, ନ୍ୟାୟାଧିକରଣ ଆବେଦନକୁ ଅନୁମତି ଦେଇଥିଲେ । ପରବର୍ତ୍ତୀ ସମୟରେ, ଯେତେବେଳେ ଏହି ନ୍ୟାୟାଳୟରେ ଏକ ଅପିଲ ଦାଖଲ କରାଯାଇଥିଲା, ଏହି ନ୍ୟାୟାଳୟ ଏହାଙ୍କର ତା ସେପ୍ଟେମ୍ବର 8,1995 ରିଖର ଆଦେଶ ଦ୍ୱାରା ନ୍ୟାୟାଧିକରଣଙ୍କ ଆଦେଶକୁ ରଦ୍ଦ କରିଦେଇଥିଲେ ଏବଂ ଦର୍ଶାଇଥିଲେ ଯେ, ନ୍ୟାୟାଧିକରଣ ଏକ ତଥ୍ୟ ଅନ୍ୱେଷଣ କର୍ତ୍ତୃପକ୍ଷ ନୁହେଁ ଏବଂ ଏହିପରି ମାମଲାଗୁଡ଼ିକରେ ନ୍ୟାୟାଧିକରଣଙ୍କ ଅଧିକାରିତା ଭଲ ଭାବରେ ସ୍ଥିରୀକୃତ ହୋଇଛି । ଏହା ମଧ୍ୟ ଦର୍ଶାଯାଇଥିଲା ଯେ, ପ୍ରଶାସନିକ ସଦସ୍ୟ ଏକାକୀ ଏହି ମାମଲାରେ ନିଷ୍ପତ୍ତି ନେଇପାରିବେ ନାହିଁ । ଏହି ମାମଲାଟି ନ୍ୟାୟାଧିକରଣଙ୍କୁ ପଠାଯିବା ପରେ, ଏହା ଦର୍ଶାଯାଇଥିଲା ଯେ, ଯଦିଓ ଅନ୍ୟ ସାକ୍ଷୀମାନେ ପକ୍ଷଦ୍ରୋହୀ ହୋଇଯାଇଥିଲେ, ପି ଡବ୍ଲ୍ୟୁ 1 ଙ୍କ ସାକ୍ଷ୍ୟ ଏବଂ ନଥିରେ ଥିବା ଅନ୍ୟାନ୍ୟ ପ୍ରମାଣ ଆବେଦନକାରୀଙ୍କୁ ସେବାରୁ ବରଖାସ୍ତ କରିବା ପାଇଁ ଯଥେଷ୍ଟ ଥିଲା ବୋଲି ଜଣାପଡ଼ିଥିଲା । ତଦନୁସାରେ, ନ୍ୟାୟାଧିକରଣ ସେବାରୁ ବରଖାସ୍ତ ଆଦେଶକୁ ବଜାୟ ରଖିଛନ୍ତି । ତେଣୁ, ଏହି ବିଶେଷ ଅନୁମତି ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ଅମ୍ବରୀଶ କୁମାର ଯୁକ୍ତି ବାଢିଛନ୍ତି ଯେ, ଦାବି ଏବଂ ଗ୍ରହଣୀୟତାର ଆରୋପକୁ ପ୍ରମାଣ କରିବା ପାଇଁ ସରକାରଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ପ୍ରାୟ 17 ଜଣ ସାକ୍ଷୀ ପକ୍ଷଦ୍ରୋହୀ ହୋଇଯାଇଛନ୍ତି ଏବଂ ସେମାନଙ୍କୁ ଅଭିଯୋଗ ପକ୍ଷ ଦ୍ୱାରା ପକ୍ଷଦ୍ରୋହୀ ଘୋଷଣା କରାଯାଇଛି । ବିକ୍ରୟ ଟିକସ ପଇଠ କରିବାରେ ଦୀର୍ଘକାଳୀନ

ଖିଲାପକାରୀ, ପି.ଡବ୍ଲ୍ୟୁ.-1 ଙ୍କ ଦ୍ୱାରା ଏକମାତ୍ର ପ୍ରମାଣ, ବାସ୍ତବିକ ସବିଶେଷ ବିବରଣୀର ସମର୍ଥନରେ ନୁହେଁ ଏବଂ ଆବେଦନକାରୀଙ୍କୁ ସେବାରୁ ବରଖାସ୍ତ ଆଦେଶ ପାଇଁ ଯଥେଷ୍ଟ ନୁହେଁ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଇନାହୁଁ । ସ୍ୱୀକାରଯୋଗ୍ୟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାକ୍ଷ୍ୟ ଅଧିନିୟମର କୌଣସି ପ୍ରୟୋଗ ନାହିଁ । ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନ୍ୟାୟାଧିକରଣଙ୍କ ବିବୃତି ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ତଥ୍ୟ ଥିଲା । ଏହା ସତ୍ୟ ଯେ, ତାମିଲନାଡୁ ଲୋକସେବା ଆୟୋଗ ଏହି ମାମଲାରେ ସଦୟ ମତ ଗ୍ରହଣ କରିବାକୁ ସୁପାରିଶ କରିଥିଲେ କିନ୍ତୁ ସରକାର ଏହି ସୁପାରିଶକୁ ଗ୍ରହଣ କରିନଥିଲେ । ଲୋକସେବା ଆୟୋଗଙ୍କ ମତ କେବଳ ସୁପାରିଶକାରୀ ହୋଇଥିବାରୁ, ସରକାର ଲୋକସେବା ଆୟୋଗଙ୍କ ଦ୍ୱାରା ଦିଆଯାଇଥିବା ସୁପାରିଶକୁ ଗ୍ରହଣ କରିବାକୁ ବାଧ୍ୟ ନଥିଲେ । ମାମଲାର ସମସ୍ତ ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେଇ, ସରକାର ନ୍ୟାୟାଧିକରଣଙ୍କ ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ ଯେ, ସମ୍ଭାବ୍ୟତାର ବହୁଳତା ପ୍ରତିଷ୍ଠିତ କରିଛି ଯେ, ଆବେଦନକାରୀ ପି ଡବ୍ଲ୍ୟୁ-1 ଙ୍କଠାରୁ ଅଣବୈଧ ପରିତୋଷଣ ଦାବି କରିଥିଲେ ଏବଂ ଗ୍ରହଣ କରିଥିଲେ ଏବଂ ଏହା ଦ୍ୱାରା କରାଯାଇଥିବା ଅସଦାଚରଣ ତାଙ୍କୁ ଠିକ ଭାବରେ ସେବାରୁ ବରଖାସ୍ତ କରିବାର କାରଣ ହୋଇଥିଲା । ଏହି ସିଦ୍ଧାନ୍ତ ପି ଡବ୍ଲ୍ୟୁ-1ଙ୍କ ସାକ୍ଷ୍ୟ ଉପରେ ଆଧାରିତ ହୋଇଥିବାରୁ, ଏହା କୁହାଯାଇପାରିବ ନାହିଁ ଯେ, ସିଦ୍ଧାନ୍ତଗୁଡ଼ିକ କୌଣସି ପ୍ରମାଣ ଉପରେ ଆଧାରିତ ନୁହେଁ । ସମସ୍ତ ପ୍ରାସଙ୍ଗିକ ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେବା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଉପରେ ନିର୍ଭର କରେ । ଯଦି ସମସ୍ତ ପ୍ରାସଙ୍ଗିକ ତଥ୍ୟ ଏବଂ ପରିସ୍ଥିତି ଏବଂ ନଥିରେ ଥିବା ପ୍ରମାଣକୁ ବିଚାରକୁ ନିଆଯାଏ ଏବଂ ଏହା ଜଣାପଡେ ଯେ, ପ୍ରମାଣ, ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ପ୍ରତିଷ୍ଠିତ କରେ, ଦୋଷର ପ୍ରମାଣର ସିଦ୍ଧାନ୍ତର ପ୍ରକୃତି ବିଷୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ଶୃଙ୍ଖଳାଗତ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ରୂପେ କ୍ଷମତାପ୍ରାପ୍ତ ଅଟନ୍ତି । ଅସଦାଚରଣର ପ୍ରମାଣ ସମ୍ବନ୍ଧରେ ଥରେ ଏକ ସିଦ୍ଧାନ୍ତ ମିଳିବା ପରେ, ଲାଗୁ ହେବାକୁ ଥିବା ଦଣ୍ଡର ପ୍ରକୃତି କ'ଣ ହେବା ଉଚିତ ତାହା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ବିଚାର ଉପରେ ନିର୍ଭର କରେ । ସେବାରୁ ବରଖାସ୍ତର ଦଣ୍ଡ ଲାଗୁ କରିବା ନିଷ୍ପତ୍ତି ନେବା ସମୟରେ, ଯଦି ଶୃଙ୍ଖଳାଗତ କର୍ତ୍ତୃପକ୍ଷ ସମସ୍ତ ତଥ୍ୟ ଏବଂ ପରିସ୍ଥିତିର ସମ୍ପୂର୍ଣ୍ଣତାକୁ ବିଚାରକୁ ନେଇଥିଲେ, ତେବେ ସେବାରେ ଥିବା ଶୃଙ୍ଖଳାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବା କର୍ତ୍ତୃପକ୍ଷଙ୍କ ଉପରେ ନିର୍ଭର କରେ । ଯଦିଓ ଏହି ନ୍ୟାୟାଳୟଙ୍କୁ ଆରୋପିତ ଦଣ୍ଡର ପ୍ରକୃତି ବିଷୟରେ ପ୍ରଶ୍ନକୁ ବିଚାର କରିବାକୁ କ୍ଷମତା ଦିଆଯାଇଛି, ପ୍ରତ୍ୟେକ ମାମଲାର ବିଶେଷ ତଥ୍ୟ ଏବଂ ପରିସ୍ଥିତିରେ ଏହାକୁ ବିଚାର କରିବାକୁ ପଡ଼ିବ । ନିଃସନ୍ଦେହ, ତାଙ୍କ ପୂର୍ବ କାର୍ଯ୍ୟକାଳ ସମୟରେ ଅଧିକାରୀଙ୍କ

ବିରୋଧରେ ଅସଦାଚରଣର କୌଣସି ଅଭିଯୋଗ ନାହିଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ପ୍ରମାଣିତ ଅଭିଯୋଗ ସେବାରୁ ବରଖାସ୍ତର ଦଣ୍ଡ ଲାଗୁ କରିବା ପାଇଁ ଯଥେଷ୍ଟ ନୁହେଁ । ଏହି ପରିପ୍ରେକ୍ଷୀରୁ ବିଚାର କଲେ, ଆମେ ଭାବୁଛୁ ଯେ, ନ୍ୟାୟାଧିକରଣଙ୍କ ଦ୍ୱାରା ହସ୍ତକ୍ଷେପ ଆବଶ୍ୟକ କରିବା ପାଇଁ ପାରିତ ଆଦେଶରେ କୌଣସି ଅବୈଧତା ନାହିଁ ।

ତଦନୁସାରେ, ଏହି ବିଶେଷ ଅନୁମତି ଆବେଦନ ଖାରଜ କରାଯାଇଛି ।

ଜି.ଏନ୍. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**